ଏସ୍‌ଏଚ୍. ବିଜୟ ସିଂ, ଗୃହ ସଚିବ ଏବଂ ଅନ୍ୟଜଣେ

ବନାମ

ମିଓନଲାଲ ହିନ୍ଦୋଲିୟା

ନଭେମ୍ବର 1, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ :*

*ଜନ୍ମ ତାରିଖ—ସଂଶୋଧନ—କର୍ମଚାରୀଙ୍କ ଦ୍ୱାରା ଆବେଦନର—କର୍ମଚାରୀଙ୍କ ନିବେଦନକୁ ବିଚାର କରିବାକୁ ନିଯୁକ୍ତିଦାତାଙ୍କୁ ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶ—ନିବେଦନ ପ୍ରତ୍ୟାଖ୍ୟାନ କରାଗଲା—ଦର୍ଶାଗଲା, ନିବେଦନକୁ ଯଥାର୍ଥ ଭାବରେ ବିଚାର କରାଗଲା ଏବଂ ପ୍ରତ୍ୟାଖ୍ୟାନ କରାଗଲା—ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶକୁ ଜାଣିଶୁଣି ଅମାନ୍ୟ କରାଯାଇ ନାହିଁ—ନ୍ୟାୟାଧିକରଣଙ୍କ ମାମଲାକୁ ପୁନର୍ବାର ବିଚାର କରିବା ପାଇଁ ଆଉ ନିର୍ଦ୍ଦେଶ ଜାରି କରିବା ଉଚିତ ନଥିଲା ।*

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାର : ଦେୱାନୀ ଅପିଲ ସଂଖ୍ୟା 14920/1996 ।

ଏମ୍.ଏ ସଂଖ୍ୟା 99/1994ରେ ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣ, ଇନ୍ଦୋରର 1.9.1995 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ପ୍ରଶାନ୍ତ କୁମାର ଏବଂ ଏସ୍.କେ. ଅଗ୍ନିହୋତ୍ରୀ ।

ଉତ୍ତରଦାତାମାନଙ୍କ ପାଇଁ ଡଃ. ଆଇ.ବି. ଗୌର ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

## ଏସ୍ଏଚ୍. ବିଜୟ ସିଂ, ଗୃହ ସଚିବ ବନାମ ମିତାନଲାଲ ହିନ୍ଦୋଳିୟା

ସ୍ୱତନ୍ତ୍ର ଅନୁମତି ଦ୍ୱାରା ଏହି ଅପିଲ, ବିବିଧ ଆବେଦନ ସଂଖ୍ୟା 99/1994ରେ ଇନ୍ଦୋରର ମଧ୍ୟପ୍ରଦେଶ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଅଗଷ୍ଟ 1, 1995 ତାରିଖରେ ଅବମାନନା କାର୍ଯ୍ୟାନୁଷ୍ଠାନରେ ଦିଆଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି ।

ସ୍ୱୀକୃତ ସ୍ଥିତି ହେଉଛି ଯେ, ଉତ୍ତରଦାତା ଜାନୁଆରୀ 1, 1960ରେ ଆରକ୍ଷୀ ବିଭାଗରେ ଉପ-ନିରୀକ୍ଷକ ଭାବରେ ନିଯୁକ୍ତି ପାଇଥିଲେ ଏବଂ ଉଚ୍ଚ ବିଦ୍ୟାଳୟ ପ୍ରମାଣପତ୍ରରେ ତାଙ୍କର ଜନ୍ମ ତାରିଖ ଅଗଷ୍ଟ 5, 1934 ଥିଲା । 1992 ମସିହାରେ, ସେ ତାଙ୍କ ଜନ୍ମ ତାରିଖ ସଂଶୋଧନ ପାଇଁ ନ୍ୟାୟାଧିକରଣରେ, ଏହା ଯୁକ୍ତି ଦର୍ଶାଇ ଯେ, ଏକ ଆବେଦନ ଦାଖଲ କରିଥିଲେ, ତାଙ୍କ ଜନ୍ମ ତାରିଖ 16 ଜୁଲାଇ, 1938 ଥିଲା । ନ୍ୟାୟାଧିକରଣ 25 ଫେବୃଆରୀ, 1994 ତାରିଖର ଆଦେଶ ଦ୍ୱାରା ଉତ୍ତରଦାତାଙ୍କ ନିବେଦନକୁ ବିଚାର କରିବାକୁ ନିର୍ଦ୍ଦେଶ ଦେବା ସହିତ ଆବେଦନର ଫଏସଲା କରିଥିଲେ । 1994 ମସିହା ମେ 23 ତାରିଖର କାର୍ଯ୍ୟାନୁଷ୍ଠାନ ଦ୍ୱାରା ଏହି ନିବେଦନକୁ ବିଚାର କରାଯାଇଥିଲା ଏବଂ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଫଳସ୍ୱରୂପ, ଉତ୍ତରଦାତା ଏକ ଅବମାନନା ଆବେଦନ ଦାଖଲ କରି ଯୁକ୍ତି କରିଥିଲେ ଯେ, ଅପିଲକାରୀମାନେ ଇଚ୍ଛାକୃତ ଭାବରେ ଏବଂ ଜାଣିଶୁଣି ନ୍ୟାୟାଧିକରଣଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିଛନ୍ତି ଏବଂ ନ୍ୟାୟାଳୟ ଅବମାନନା ଅଧିନିୟମର ଧାରା 12 ଅନୁଯାୟୀ ଅପିଲକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବାକୁ ଅନୁରୋଧ କରିଥିଲେ । ଆକ୍ଷେପିତ ଆଦେଶରେ, ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଉତ୍ତରଦାତା ଜାଣିଶୁଣି ନ୍ୟାୟାଳୟର ଆଦେଶକୁ ଅମାନ୍ୟ କରିନାହାଁନ୍ତି କାରଣ ଆରକ୍ଷୀ ମହାନିର୍ଦ୍ଦେଶକ ଏହି ପ୍ରସଙ୍ଗରେ ତାଙ୍କର ବୁଦ୍ଧି ପ୍ରୟୋଗ କରି ନାହାଁନ୍ତି ଏବଂ, ତେଣୁ, ଆକ୍ଷେପିତ ଆଦେଶ ଜାରି କରାଯାଇଛି ବୋଲି ଜାଣିବା ପରେ ମାମଲାକୁ ପୁନଃ ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପ୍ରଶ୍ନ ହେଉଛି : ନ୍ୟାୟାଧିକରଣ ଏହାର ନିର୍ଦ୍ଦେଶ ଦେବାରେ ଠିକ ଥିଲେ କି? ଏହା ଦେଖାଯାଏ ଯେ, ସହକାରୀ ଆରକ୍ଷୀ ମହାନିରୀକ୍ଷକ ଯିଏ ପ୍ରଶାସନିକ ଅଧିକାରୀ, ପ୍ରଶାସକଙ୍କୁ, ଅର୍ଥାତ୍ ଆରକ୍ଷୀ ମହାନିର୍ଦ୍ଦେଶକଙ୍କୁ ସହାୟତା କରନ୍ତି । ସେ ଏଥିରେ ଉଲ୍ଲେଖ କରିଥିଲେ ଏବଂ ଏହାକୁ ବିଚାର କରିବା ପରେ ଆରକ୍ଷୀ ମହାନିର୍ଦ୍ଦେଶକ 'ଉତ୍ତରଦାତାଙ୍କୁ ସୂଚିତ କରନ୍ତୁ' ବୋଲି ଏକ ଟିପ୍ପଣୀ ଲେଖିଥିଲେ । ସ୍ପଷ୍ଟ ଭାବରେ, ମାମଲା ବିଚାର କରିବା ପରେ ସେ ଉତ୍ତରଦାତାଙ୍କ ଦାବି ସହିତ ସହମତ ନଥିଲେ ଏବଂ ତାଙ୍କ ଅଧୀନସ୍ଥ, ଯଥା ସହାୟକ ଆରକ୍ଷୀ ମହାନିରୀକ୍ଷକଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିବା ବିବୃତିକୁ ଗ୍ରହଣ କରିଥିଲେ । ତେଣୁ, ଏହା ଏପରି ଏକ ମାମଲା ହେବ ଯେଉଁଥିରେ ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁଯାୟୀ ଉତ୍ତରଦାତାଙ୍କ ନିବେଦନ ଉପରେ ଉପଯୁକ୍ତ ବିଚାର କରାଯାଇଥିଲା । ନ୍ୟାୟାଧିକରଣ ଦର୍ଶାଇଛନ୍ତି ଯେ, ଉତ୍ତରଦାତା

ଜାଣିଶୁଣି ଆଦେଶକୁ ଅମାନ୍ୟ କରିନାହାଁନ୍ତି, ତେଣୁ ଅଧିକ ନିର୍ଦ୍ଦେଶ ଜାରି କରିବାର କୌଣସି କ୍ଷମତା ନାହିଁ:

ତଦନୁସାରେ ଅପିଲକୁ ଅନୁମତି ଦିଆଯାଇଛି । ନିର୍ଦ୍ଦେଶଗୁଡ଼ିକ ବାତିଲ କରାଯାଇଛି, ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଯାଇଛି ।


ଅସ୍ୱୀକରଣ:

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"



ଅନୁବାଦକ
ଯୋଗେଶ୍ୱର ହୋତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।